ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା : ୨୮
୩ ଜୁଲାଇ, ୨୦୨୫ ଗୁରୁବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 28
3rd July, 2025 Thursday
Bhubaneswar

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଧନମସ୍ତୀତି ବାଣିଜ୍ୟଂ କିଂଚିଦସ୍ତୀତି କର୍ଷଣମ୍**
**ସେବା ନ କିଞ୍ଚିଦସ୍ତୀତି ଭିକ୍ଷା ନୈବ ଚ ନୈବ ଚ**

ଧନଲାଭ ଅଛି ବୋଲି ବାଣିଜ୍ୟ କରାଯାଏ । କିଛି ଲାଭ ହୁଏ ବୋଲି କୃଷି କରାଯାଏ । ସେବା ଦ୍ୱାରା ଅଳ୍ପ କିଛି ମିଳେ । କିନ୍ତୁ ଭିକ୍ଷା ଦ୍ୱାରା ଆଦୌ କିଛି ମିଳେ ନାହିଁ । ତେଣୁ ଭିକ୍ଷା ଦ୍ୱାରା ଜୀବିକା ନିର୍ବାହ ଆଦୌ କରଣୀୟ ନୁହେଁ ।

**ଅମ୍ବିକା ପ୍ରସାଦ ଦାସଙ୍କ**
**'ସତ କହିବାକୁ କିଆଁ ଡରିବି' ସ୍ତମ୍ଭରେ**

**ସାମାନ୍ୟ ଘଟଣା: ଅସାମାନ୍ୟ ଉପଲବ୍ଧି!!**

# ବାହୁଡ଼ା ପାଇଁ ପ୍ରସ୍ତୁତି: ୩ ରଥ ଦକ୍ଷିଣ ମୋଡ଼

**ପୁରୀ, ୨।୭: ଏକ୍ସପ୍ରେସ୍ ନ୍ୟୁଜ୍**

ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ଲୀଳାଖେଳା ସରି ସରି ଆସୁଛି। ବାହୁଡ଼ା ଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ନବଦିନାତ୍ମକ ଘୋଷଯାତ୍ରାରେ ଆସିଥିବା ମହାପ୍ରଭୁଙ୍କ ଗୁଣ୍ଡିଚା ମନ୍ଦିରରେ ସମସ୍ତ ନୀତିକାନ୍ତି ସରି ସକାଳ ଧୂପ ସରିବା ପରେ ଘଣ୍ଟ, କାହାଳୀ, ଛତ୍ରି ସହ ପଟୁଆରରେ ତିନି ବାଡ଼ରୁ ତିନି ଜଣ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଧରି ତିନି ରଥ ନିକଟକୁ ଆସିଥିଲେ। ଏହାପରେ ଆରମ୍ଭ ହୋଇଥିଲା ରଥ ଟଣା। ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ଦକ୍ଷିଣମୋଡ କରାଯାଇଥିଲା। ଏହା ପୂର୍ବରୁ ଭୋଇ ସେବକଙ୍କ ଦ୍ୱାରା ରଥର ବ୍ରେକ ଓ ଦଉଡି ସଂଯୋଗ କରାଯାଇଥିଲା। ରାସ୍ତା ଦୁଇ ପାର୍ଶ୍ୱରେ ଦକ୍ଷିଣ ମୋଡ ପାଇଁ ଅସ୍ଥାୟୀ ବାଲି ବସ୍ତା ବିଛାଯାଇଥିଲା। ବିଜେ କାହାଳୀ ବାଜିବା ପରେ ଆରକ୍ଷୀ ବାହିନୀଙ୍କ ଦ୍ୱାରା ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ ପରେ ବଳଭଦ୍ରଙ୍କ ରଥ ଦକ୍ଷିଣମୋଡ଼ ହୋଇଥିଲା।



ଦର୍ପଦଳନ ପରେ ତାଳଧ୍ୱଜ ରଥର ଦକ୍ଷିଣ ମୋଡ କରାଯାଇଥିଲା। ଆରକ୍ଷୀ ବାହିନୀ ମହାପ୍ରଭୁଙ୍କ ତିନି ରଥକୁ ଦକ୍ଷିଣମୋଡ କରିବାରେ ସାମିଲ ହୋଇଛନ୍ତି। ଏହା ବାହୁଡା ଯାତ୍ରାର ଅୟମାରମ୍ଭ। ଆସନ୍ତା ୪ ତାରିଖରେ ଆଡ଼ପ ମଣ୍ଡପରେ ***(ଶେଷ ପୃଷ୍ଠା ଦେଖନ୍ତୁ)***

## ଶରଧାବାଲି ଦଳଚକଟା ଦତନ୍ତରେ ସହଯୋଗ କରିବେ ୪ ଓଏଏସ୍

**ଭୁବନେଶ୍ୱର, ୨।୭**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀର ଶରଧାବାଲିରେ ଗତ ରବିବାର ଦିନ ଭୋର୍‌ରୁ ଘଟିଥିବା ଦଳାଚକଟା ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ଉନ୍ନୟନ କମିସନରଙ୍କ ନେତୃତ୍ୱରେ ତଦନ୍ତ ପାଇଁ ଗଠନ କରାଯାଇଥିବା ଏହି କମିଟିରେ ୪ ଜଣ ଓଏଏସ୍ ଅଧିକାରୀଙ୍କୁ ସାମିଲ କରାଯାଇଛି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆଜି ନିର୍ଦ୍ଦେଶନାମା ଜାରି ହୋଇଛି।

ନିର୍ଦ୍ଦେଶନାମରେ କୁହାଯାଇଛି, ରାଜ୍ୟ ସରକାର ମାନସ ରଂଜନ ସାମଲ, ବିନୟ କୁମାର ଦାଶ, ରଶ୍ମୀ ରଂଜନ ନାୟକ ଓ ପ୍ରଦୀପ କୁମାର ସାହୁଙ୍କୁ ତଦନ୍ତକାରୀ ଟିମ୍‌ରେ ସାମିଲ କରିଛନ୍ତି। ଏହି ୪ଜଣ ଜଣ ଓଏଏସ୍ ଅଧିକାରୀ ପ୍ରତିଦିନ ଉନ୍ନୟନ କମିସନରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଅପରାହ୍ଣ ୩ଟାରୁ ୫ଟା ଯାଏଁ ତଦନ୍ତ ପାଇଁ ସମୟ ଦେବେ।

ଗତ ରବିବାର ଦିନ ପ୍ରତ୍ୟୁଷରେ ଶରଧାବାଲିରେ ମହାପ୍ରଭୁଙ୍କ ପହୁଡ ଖୋଲିବା ପରେ ଶ୍ରଦ୍ଧାଳୁମାନଙ୍କର ପ୍ରବଳ ଭିଡ ଯୋଗୁଁ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାରେ ତିନି ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିଲା। ମୃତକମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ର ବାସନ୍ତୀ ସାହୁ, ପ୍ରେମକାନ୍ତ ମହାନ୍ତି ଏବଂ ***(ଶେଷ ପୃଷ୍ଠା ଦେଖନ୍ତୁ)***

## ରେଖାଙ୍କ ନୂଆ ଘରେ ଖର୍ଚ୍ଚ ହେବ ୬୦ ଲକ୍ଷ

**ନୂଆଦିଲ୍ଲୀ, ୨।୭: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ ନିବାସ ମାର୍ଗରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସରକାରୀ ବାସଭବନ ବଙ୍ଗଳା ନମ୍ବର ୧ର ନବୀକରଣ ହେବ। ଏଥିପାଇଁ ମୋଟ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ପୂର୍ତ୍ତ ବିଭାଗ ପକ୍ଷରୁ ଜାରି ନୋଟିସରେ ନବୀକରଣର ଫୋକସ ବୈଦ୍ୟୁତିକ ସରଞ୍ଜାମ ଖଞ୍ଜିବା ଉପରେ ରହିଛି। ନବୀକରଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଏହା ଜୁଲାଇ ୪ରୁ ଉପଲବ୍ଧ ହେବ। ନବୀକରଣ କାମ ୬୦ ଦିନ ମଧ୍ୟରେ ସରିବ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି।

ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ବଙ୍ଗଳା ନମ୍ବର ୧ ଓ ୨ ମିଳିଛି। ବଙ୍ଗଳା ନମ୍ବର ୧ରେ ସେ ନିଜେ ପରିବାର ସହ ରହିବେ। ବଙ୍ଗଳା ନମ୍ବର ୨ କ୍ୟାମ୍ପ ଅଫିସ ଭାବେ ବ୍ୟବହାର ହେବ। ଜୁନ ୨୮ରେ ଜାରି ହୋଇଥିବା ଟେଣ୍ଡର ନୋଟିସରେ କୁହାଯାଇଛି ଯେ ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାରେ ମୋଟ ୯.୩ ଲକ୍ଷ ଟଙ୍କାରେ ୫ଟି ଟିଭି ଲାଗିବ। ଟିଭି ଗୁଡିକ ୪କେ ବର୍ଗର ରହିବ। ୧୪ଟି ଏସି ପାଇଁ ୭.୭ ଲକ୍ଷ ଓ ୫.୬୪ ***(ଶେଷ ପୃଷ୍ଠା ଦେଖନ୍ତୁ)***

## ହିମାଚଳରେ ଲଗାଣ ବର୍ଷା: ୧୧ ଦିନରେ ୫୧ ମୃତ

**ସିମଲା, ୨।୭: ଏକ୍ସପ୍ରେସ୍ ନ୍ୟୁଜ୍**

ଲଗାଣ ବର୍ଷା ଏବଂ ପ୍ରକୃତି ତାଣ୍ଡବ ପରେ କେତେ କ୍ଷତି ସହିଲାଣି ହିମାଚଳ ପ୍ରଦେଶ। ସାମ୍ନାକୁ ଆସିଛି ଏକ ରିପୋର୍ଟ। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ଜୁନ ୨୦ରୁ ଜୁଲାଇ ୧ ତାରିଖ ଯାଏ ରାଜ୍ୟରେ ହୋଇଥିବା କ୍ଷୟକ୍ଷତି ବାବଦରେ କୁହାଯାଇଛି।

ତେବେ ଏହି ୧୧ ଦିନରେ ରାଜ୍ୟରେ ମୋଟ୍ ୫୧ ଜଣଙ୍କ ଜୀବନ ଯାଇଥିବା ବେଳେ ବର୍ଷାଜନିତ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ୨୨ ଜଣ ନିଖୋଜ ଅଛନ୍ତି। ଯେଉଁଥିରେ ଖାଲି ମଣ୍ଡିରେ ଆଜିସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ୧୦



ଜଣଙ୍କ ମୃତ୍ୟୁ ହୋଇଛି। ବନ୍ୟା ଯୋଗୁଁ ୩୪ ଜଣ ଲୋକ ନିଖୋଜ ଅଛନ୍ତି ଏବଂ ୧୦୩ ଜଣ ଲୋକ ଆହତ ହୋଇଛନ୍ତି। ହିମାଚଳ ପ୍ରଦେଶରେ ପ୍ରକୃତିର ଧ୍ୱଂସଲୀଳା ପରେ ମୋଟ ୨୮୨ ରାସ୍ତା ବନ୍ଦ ରହିଛି। ୧୩୬୧ ଟ୍ରାନ୍ସଫରମର କ୍ଷତିଗ୍ରସ୍ତ ହୋଇଛି ଏବଂ ୬୩୯ଟି ଜଳ ଯୋଗାଣ ବ୍ୟବସ୍ଥା ଭୁଶୁଡ଼ି ପଡିଛି। ସେହିପରି କେବଳ ମଣ୍ଡିରେ ୧୮୨ଟି ରାସ୍ତା ଜାମ୍ ହୋଇଛି, ୬୩୩ଟି ଟ୍ରନ୍ସଫରମର ଅକାମୀ ହୋଇଡିଛି ଏବଂ ୪୬୫ଟି ଜଳ ଯୋଗାଣ ବ୍ୟବସ୍ଥା ପ୍ରଭାବିତ ହୋଇଛି।

ସେପଟେ ରାଜ୍ୟର ବର୍ଷାରେ ପ୍ରଭାବିତ ଥିବା ଜିଲ୍ଲାଗୁଡ଼ିକରେ ୨୦୪ଟି ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଯେଉଁଥିରେ ୨୨ଟି ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ୮୪ଟି ଦୋକାନ, ଗୁହାଳ ଘର, ଶ୍ରମିକ ରହୁଥିବା କୁଡିଆ ଆଦି ନଷ୍ଟ ହୋଇଛି। ଘରୋଇ ଏବଂ ସରକାରୀ ସମ୍ପତ୍ତି ***(ଶେଷ ପୃଷ୍ଠା ଦେଖନ୍ତୁ)***

## ୫ ଲକ୍ଷ ଜମାକାରୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨।୭**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚିଟଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀମାନେ ଅର୍ଥ ଫେରସ୍ତ ପାଇବେ। ଏଥିପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଚିଟଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ ପାଇଁ ମୋହନ ସରକାର ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡିଛି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଚିଟଫଣ୍ଡ ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳୀକୃତ ଏବଂ ଜିଲ୍ଲାସ୍ତରକୁ ବିକେନ୍ଦ୍ରୀକରଣ କରାଯାଇଛି। ଏହାଦ୍ୱାରା ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧,୨୬,୧୩୭ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୪୭.୦୭ କୋଟି ଟଙ୍କା ଫେରସ୍ତ କରିସାରିଛନ୍ତି। ଆସନ୍ତା ୩-୪ ମାସ ମଧ୍ୟରେ ଆଉ ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେ ଯେ, ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ଦୀର୍ଘ ୧୦ ବର୍ଷ ମଧ୍ୟରେ କେବଳ ୨,୭୯,୧୦୯ ଜଣ କ୍ଷୁଦ୍ର ଜମାକାରୀଙ୍କୁ ମାତ୍ର ୧୧୯ କୋଟି ଟଙ୍କା ଫେରସ୍ତ କରାଯାଇଥିଲା।

## ବେଆଇନ ଖଣିରେ ଅତଡ଼ା ଖସି ୩ ମୃତ

**ଯୋଡ଼ା, ୨।୭**
**ଏକ୍ସପ୍ରେସ୍ ନ୍ୟୁଜ୍**

ମଣିଷ ବଞ୍ଚିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରିଥାଏ। ଏମିତିକି ଚୋରି ଠାରୁ ଆରମ୍ଭ କରି ମଣିଷ ମାରିବାକୁ ମଧ୍ୟ ପଛେଇ ନଥାଏ। ବଡ଼ ବଡ଼ ମେସିନ ସାହାଯ୍ୟରେ ଉଗ୍ର ଖଣି ଖନନ ଖଣି ଅଂଚଳରେ ଶ୍ରମିକମାନଙ୍କ ଭାତହାଣ୍ଡି ଛଡେଇ ନେଇଛି। ବାହାର ରାଜ୍ୟର ଖଣି ମାଲିକ ଓ ଶିଳ୍ପପତିଙ୍କ ପାଖରେ ସ୍ଥାନୀୟ ଶ୍ରମିକ ପୋକ ମାଛି ସଦୃଶ। ଏଠିକା ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ନଚେତ ଅବୈଧ ଖଣି ଖନନ କରି ଦଲାଲ ମାଧ୍ୟମରେ ବିକ୍ରିକରି ପେଟ ପୋଷିବାକୁ ବାଧ ହେଉଛନ୍ତି।



ଏହିପରି ଏକ ଘଟଣାରେ ଏକ ପରିତ୍ୟକ୍ତ ବେଆଇନ୍ ମାଙ୍ଗାନିଜ ଖଣିରେ କାମ କରୁଥିବା ତିନିଜଣ ଶ୍ରମିକ ମାଟି ଅତଡ଼ା ଖସି ମୃତ୍ୟୁ ବରଣ କରିଛନ୍ତି। ପ୍ରବଳ ବର୍ଷା ଯୋଗୁ ମାଟି ଅତଡ଼ା ଖସି ପଡିବା ଫଳରେ ସେମାନେ ମାଟିତଳେ ଚାପିହୋଇ ରହିଯାଇଥିଲେ। ଘଟଣାଟି ଯୋଡ଼ା ଥାନା ବିଛାକୁଣ୍ଡି ଦଲପାହାଡ଼ ନିକଟ ବୈତରଣୀ ସଂରକ୍ଷିତ ଜଙ୍ଗଲରେ ଘଟିଛି। ମଙ୍ଗଳବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଥିବା ନେଇ ପ୍ରଶାସନ ଜାଣିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବନ ବିଭାଗ, ପୋଲିସ୍ ଏବଂ ଅଗ୍ନିଶମ ବିଭାଗ ଘଟଣା ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବାପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାମ ଆରମ୍ଭ କରିଥିଲେ। ଘଞ୍ଚ ଜଙ୍ଗଲ ଭିତରେ ପାଦରେ ଚାଲି ଯିବାକୁ ପଡୁଥିବାରୁ ପ୍ରାୟ ୬ ଘଣ୍ଟାର କଠିନ ପରିଶ୍ରମ ପରେ ଉଦ୍ଧାର କାର୍ଯ୍ୟ ଶେଷ ହୋଇଥିଲା। ୩ଟି ମୃତଦେହକୁ ଅତଡ଼ା ଭିତରୁ ବାହାର କରାଯାଇଥିଲା। ମୃତକମାନେ ହେଲେ, ଯୋଡ଼ା ଥାନା ବିଚାକୁଣ୍ଡି ମୁଣ୍ଡା ବସ୍ତିର ସନ୍ଦୀପ ପୂର୍ତ୍ତି (୩୨), ଗୁରୁ ଚାମ୍ପିଆ (୧୯)ଓ କାଣ୍ଡେ ମୁଣ୍ଡା (୧୮)।

ମୃତଦେହ ଗୁଡ଼ିକୁ ଉଦ୍ଧାର କରାଯିବା ପରେ ବୁଧବାର ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ***(ଶେଷ ପୃଷ୍ଠା ଦେଖନ୍ତୁ)***

## ବିଏଡ୍ ଅନିୟମିତତା: ସିଟି ମୁହାଁ ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୨।୭: ତଥ୍ୟ**

ବିଏଡ୍ ନାମଲେଖାକୁ ରାଜ୍ୟ ସରକାର ସ୍ଥଗିତ କରିବା ପରେ ଏବେ ଛାତ୍ରଛାତ୍ରୀମାନେ ସିଟି ପରୀକ୍ଷାମୁହାଁ ହୋଇଛନ୍ତି । ସିଟି ପରୀକ୍ଷା ଦେବାପାଇଁ ବର୍ତ୍ତମାନ ସୁଦ୍ଧା ୫୦ ହଜାରରୁ ଅଧିକ ଆବେଦନ ହୋଇଥିବାବେଳେ ବିଏଡରୁ ହତାଶ ହୋଇଥିବା ଛାତ୍ରଛାତ୍ରୀମାନେ ଏବେ ସିଟି ପରୀକ୍ଷା ଦେବାକୁ ମନ ବଳାଇଛନ୍ତି ।

ଚଳିତବର୍ଷ ପ୍ରାୟ ଦେଢ ଲକ୍ଷ ଛାତ୍ରଛାତ୍ରୀ ବିଏଡ୍ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ଲକ୍ଷେରୁ ଅଧିକ ଛାତ୍ରଛାତ୍ରୀ ସଫଳ ହୋଇଥିଲେ । ରାଜ୍ୟରେ ଥିବା ପ୍ରାୟ ୨୭୦୦ଆସନରେ ନାମଲେଖା ପାଇଁ ଏମାନେ ଆବେଦନ କରିଥିଲେ । ହେଲେ ନାମଲେଖା ପାଇଁ ପ୍ରଥମ ତାଲିକା ପ୍ରକାଶ ପାଇବା ସମୟରେ ବିଏଡ୍ ପରୀକ୍ଷାରେ ଅନିୟମିତା ହେବାନେଇ ଅଭିଯୋଗ ଆସିବାରୁ ସରକାର ନାମଲେଖା ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି ।

ଉଲ୍ଲେଖନୀୟ ଯେ ବିଏଡ୍ ପରୀକ୍ଷାଫଳ ପ୍ରକାଶ ପାଇବା ସମୟରେ କେତେ ଛାତ୍ରଛାତ୍ରୀ କେତେ ପ୍ରତିଶତ ନମ୍ବର ରଖିଛନ୍ତି ତାହା ପ୍ରକାଶ ପାଇନଥିଲା । ଫଳରେ କୃତକାର୍ଯ୍ୟ ତାଲିକାରେ ଥିବା ଲକ୍ଷାଧିକ ଛାତ୍ରଛାତ୍ରୀ ନାମଲେଖା ପାଇଁ ଆବେଦନ କରିଥିଲେ । ଏହାକୁ ନେଇ କେତେକ ଗଣମାଧ୍ୟମରେ ଦୁର୍ନୀତି ହୋଇଥିବା ଖବର ପ୍ରକାଶନ ପରେ ସରକାର ବିଏଡ୍ ଖାତା ଯାଞ୍ଚ ପାଇଁ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି । ତେବେ ଏହି ଯାଞ୍ଚ କେବେ ହେବ ଓ କିଭଳି ହୋଇ କେଉଁ ତାରିଖରେ ସରିବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ପ୍ରକାଶ ପାଉନାହିଁ । ଫଳରେ ବିଏଡ୍ ପଢିବାକୁ ପରୀକ୍ଷା ଦେଇଥିବା ଲକ୍ଷାଧିକ ଛାତ୍ରଛାତ୍ରୀ ଆଶା ଓ ଆଶଙ୍କାରେ ରହିଛନ୍ତି ।

ଇତି ମଧ୍ୟରେ ସିଟି ପରୀକ୍ଷା ଲାଗି ଆବେଦନ ଚାଲିଥିବାରୁ ବିଏଡ୍ ଆଶାୟୀମାନେ ବି ସିଟି ପରୀକ୍ଷାପାଇଁ ଆବେଦନ କରିବାରେ ଲାଗିଛନ୍ତି । ବିଏଡ୍ ନହେଲେ ଅତି କମ୍‌ରେ ସିଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷକତା କରିବାକୁ ସେମାନେ ଆଗଭର ହୋଇଛନ୍ତି । ସିଟି ପରୀକ୍ଷାରେ ଅଧିକ ଆସନ ଥିବାରୁ ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି ।

ଅବସ୍ଥା ଏଭଳି ହୋଇଛନ୍ତି ସ୍ନାତକ ଓ ସ୍ନତକୋତ୍ତର ଛାତ୍ରଛାତ୍ରୀମାନେ ସିଟି ପରୀକ୍ଷାରେ ବସିବାକୁ ଆବେଦନ କରୁଛନ୍ତି । ତେଣୁ ଏଥର ସିଟି ପରୀକ୍ଷାରେ କେବଳ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ପରୀକ୍ଷା ଦେବେନାହିଁ, ପରୀକ୍ଷାରେ ବି ପ୍ରତିଯୋଗିତା ବୃଦ୍ଧି ପାଇବ । ତେଣୁ ସିଟି ପରୀକ୍ଷାରେ ଯେଭଳି ବିଏଡ୍ ଭଳି ଅନିୟମିତତା ହେବନାହିଁ ତାହା ଉପରେ ନଜର ରଖିବାକୁ ଏବେ ଠାରୁ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଦାବି କଲେଣି ।

## ଅଥ ମାଧବ ଉବାଚ

ଚାକରିଆଙ୍କର ଦରମା ସାଙ୍ଗକୁ
ବଢୁଛି ମହଙ୍ଗା ଭତ୍ତା
ତଥାପି ଉପୁରି ବଟି ନେଇ କରି
ହୁଅନ୍ତି ଅଗର ମତ୍ତା
ବଢୁଅଛି ବ୍ୟାଙ୍କ ଖାତା
ଫ୍ଲଟ କୋଠାବାଡି ସୁନା ଅଳଙ୍କାର
ଚଉଦ ପୁରୁଷ ପାଇଁ କି ହୁଏ ସାଇତା
ଧରାପଡିଗଲେ ମାମୁଘର ଯାଇ
ଜୀବନ ଲାଗଇ ପିତା ।

